# WATER IN NEWS

*A daily compilation of media coverage of water issues*

for 12.05.2014, Monday

Dear readers,

Regional Centre for Development Cooperation (RCDC) is extremely happy to present you 'Water in News' bulletin for May 12, 2014. Today's media coverage of water issues have been captured in the following heads: (a) Rural Drinking Water, (b) Urban Drinking Water, (c) Industrial Use, (d) Policy/Programme Watch, (e) Irrigation, (f) Water Management, (h) Pollution, and (i) Disaster. As an experiment we are publishing this issue of WIN in Odia language.

RCDC hopes that the readers will find the bulletin useful. Earlier issues of WIN can be accessed at www.rcdcindia.org. Your inputs, comments, feedbacks and critics will help us improve the bulletin. Kindly write to rcdcbbsr@gmail.com, bimal@rcdcindia.org.

*Today's bulletin covers water news and issues featured in newspapers and web portals published on 13.05.2014. We have covered print or e-paper editions of the following newspapers: (a) Sambad (all Samaj (Bhubaneswar), (f) Samay (Bhubaneswar), (g) Times of India (Bhubaneswar), (h) Pioneer (Bhubaneswar), (i) New Indian Express (Bhubaneswar). Besides we have covered web portals of (a) The Hindu, (b) The Telegraph, (c) Orissadiary, and (d) Odisha Sun Times. Additionally we have also covered magazine 'Down To Earth'.*

## Contents


Rural Drinking Water .......... 2

Urban Drinking Water .......... 2

Industrial use .......... 3

Policy / Programme Watch .......... 3

Irrigation .......... 4

Water Management .......... 4

Pollution .......... 4

Disaster .......... 5

## Rural Drinking Water

**ପିଇବା ପାଣି ପାଇଁ ଧରାକୋଟରେ ଆନ୍ଦୋଳନ ଚେତାବନୀ:** ଧରାକୋଟ ବ୍ଲକର ବାହାରପୁର ପଞ୍ଚାୟତରେ ୨୦୦୯ ମସିହାରେ ୧୨ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ପ୍ରକଳ୍ପ ଲୋକଙ୍କ ପାଣି ସମସ୍ୟା ଦୂର କରିପାରୁନାହିଁ। ନିର୍ମିତ ୧୬ଟି ଷ୍ଟାଣ୍ଡପୋଷ୍ଟ ମଧ୍ୟରୁ ୪ଟି ଅକାମୀ ହୋଇ ରହିଛି। ୮୯ପରିବାର ସଂଯୋଗ ନେଇ ମଧ ଦିନକୁ ୧ଘଣ୍ଟା ପାଣି ପାଉନାହାନ୍ତି। ୪୦୦୦ ଲୋକ ୬ଟି ନଳକୂପ ଉପରେ ନିର୍ଭର କରୁଛନ୍ତି। ଅଚଳ ଷ୍ଟାଣ୍ଡ ପୋଷ୍ଟର ମରାମତି, ଲୋଭୋଲଟେଜ୍ ସମସ୍ୟାର ସମାଧାନ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀ ସରପଞ୍ଚ ସୁଶିଳା ସାହୁ, ପ୍ରତାପ ଗୌଡ଼, ବୁଲା ପାଣିଗ୍ରାହୀ, ବିଦ୍ୟାଧର ପାଣିଗ୍ରାହୀ, ଟୁକୁନା ପାଣିଗ୍ରାହୀ ପ୍ରମୁଖ ଜିଲ୍ଲା ଗ୍ରାମ୍ୟ ଜଳ ଯୋଗାଣ ବିଭାଗକୁ ଜଣାଇବା ସମାଜ ପ୍ରକାଶ କରିଛି।

**ଡେରାବିଶ ବ୍ଲକର ଖମୋଳ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ ଜଳ ଯୋଗାଇବା ନାମରେ ଲକ୍ଷାଧିକ ଟଙ୍କା ବାଟମାରଣା:** କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବ୍ଲକର ଖମୋଳ ପଞ୍ଚାୟତରେ ୨୦୦୯ରେ ପାଇପ୍ ଜଳ ପ୍ରକଳ୍ପ ପାଇଁ ଲୋକଙ୍କ ଠାରୁ ବ୍ୟକ୍ତିଗତ ଉପଭୋକ୍ତା ବାବଦରେ ଅର୍ଥ ସଂଗ୍ରହ କରାଯାଇଥିଲା। ୫ବର୍ଷ ପରେ ବି ଲୋକେ ପାଇନାହାନ୍ତି ପାଇପ୍ ପାଣି। ଲୋକେ ଏ ପର୍ଯ୍ୟନ୍ତ ଅର୍ଥ ଫେରସ୍ତ ପାଇନଥିବା ନେଇ ଖବର ପ୍ରକାଶ ପାଇଛି 'ସମୟ'ରେ।

**ବାଲିଅନ୍ତା ଭିଙ୍ଗାରପୁରବାସୀ ହନ୍ତସନ୍ତ କାର୍ଯ୍ୟକ୍ଷମ ଅପେକ୍ଷାରେ ପାନୀୟଜଳ ପ୍ରକଳ୍ପ:** ବାଲିଅନ୍ତା ବ୍ଲକରେ ପିଇବା ପାଣି ସମସ୍ୟା ଉତ୍କଟ। ଭିଙ୍ଗାରପୁର ପଞ୍ଚାୟତ ୯ନମ୍ବର ୱାର୍ଡ଼ରେ ୧୫୦ ପରିବାରଙ୍କ ପାଇଁ ୩ଟି ନଳକୂପ ଥାଇ ବି କାର୍ଯ୍ୟ କରୁନାହିଁ। ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ଜଳଯୋଗାଣ ପାଇଁ ଗେଣ୍ଡାମାଳିଆ ଠାରେ ପମ୍ପ ହାଉସ୍ ନିର୍ମାଣ ସରିଛି। ପାଇପ୍ ବିଛା ଯାଇଛି, ୨୦ କେଭିର ଟ୍ରାନ୍ସଫର୍ମର ବସାଯାଇଛି କିନ୍ତୁ ଜଳଯୋଗାଣ କାର୍ଯ୍ୟକାରୀ କରାଯାଇନଥିବା ନେଇ ଖବର ପ୍ରକାଶ କରିଛି ଧରିତ୍ରୀ। ପ୍ରକାଶିତ ଖବରରେ କୁହାଯାଇଛି ଯେ, ପଣ୍ଡାସାହିର ନଳକୂପରୁ ହଳଦିଆ ବହଳର ଲୌହ ମିଶା ପାଣି ବାହାରୁଛି। ଖୁଣ୍ଟିଆସାହି ନଳକୂପ ଅଚଳ। ତୁରନ୍ତ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ସରପଞ୍ଚ ତୈଲୋକ୍ୟ ମଙ୍ଗରାଜ ଦାବି କରିଛନ୍ତି।

**ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଟ୍ୟାଙ୍କରରେ ଜଳ ଯୋଗାଣ ପ୍ରହସନ ଗୋଟିଏ ପରିବାରକୁ ମିଳୁଛି ୪ ଲିଟର:** ଡେଲାଙ୍ଗ ବ୍ଲକର ୧୮ଟି ପଞ୍ଚାୟତରେ ୧୯ଟି ପ୍ରକଳ୍ପ ମାଧମରେ ଜଳଯୋଗାଣ ହେଉଛି। ୧୦୮୯ ନଳକୂପ ରହିଛି ସେଥିରୁ ଲବଣଯୁକ୍ତ ପାଣି ବାହାରୁଛି। ଜଳକଷ୍ଟ ସମାଧାନ ପାଇଁ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ପ୍ରତି ପରିବାରକୁ ୩/୪ଲିଟର ପାଣି ଦିଆଯାଉଛି ଯାହା ସମୁଦ୍ରକୁ ଶଙ୍ଖେ ଭଳି। ତେଣୁ ଏହି ଜଳଯୋଗାଣ ପ୍ରହସନ ହୋଇଥିବା ଗ୍ରାମବାସୀଙ୍କ ମତକୁ ଉଦ୍ଧାର କରି ପ୍ରକାଶ କରିଛି ଧରିତ୍ରୀ। କରି ମଲ୍ଲ, ରେବତୀପୁର, ରାଢୁଅ, ଗୋଡ଼ିପୁଟ, ମାଟିଆପଡ଼ା, ବରପଦା, ଚଣ୍ଡିସାହି, ଉପରସାହି, ନଡ଼ାଖଣ୍ଡ, ଅଭୟମୁଖୀ, ପାଣିଓରା ଇନ୍ଦିପୁର, ବଡ଼ ସାହି ଧାନକେରା ପଞ୍ଚାୟତରେ ବସନ୍ତପଡ଼ା, ଆରଦା, ନଳିବସନ୍ତ ଗ୍ରାମରେ ପରିବାରକୁ ପ୍ରତିଦିନ ପ୍ରଶାସନ ପକ୍ଷରୁ ୩/୪ ଲିଟର ପାନୀୟ ଜଳ ଯୋଗାଇ ଦିଆଯାଉଛି। ଜଳ ଯୋଗାଣ ପାଇଁ ଗାଡ଼ି ମିଳୁନାହିଁ ବୋଲି କହିଛି ଗ୍ରାମ୍ୟ ପାନୀୟ ଜଳବିଭାଗ। ଦିନକୁ ୭୫୦ଟଙ୍କା ଭଡ଼ାରେ ଗାଡ଼ି କିଏ ବା ଦେବ ବୋଲି ପ୍ରଶ୍ନ ଉଠୁଛି। ଗାଡ଼ିଭଡ଼ା ବଢୁନଥିବାରୁ ଗାଡ଼ି ମିଳୁନି ଓ ଲୋକେ ପାଣି ପାଉନାହାନ୍ତି ବୋଲି ଧରିତ୍ରୀର ପ୍ରକାଶିତ ଖବରରେ କୁହାଯାଇଛି।

**ଗୋପ ବ୍ଲକର ଲୋକେ ଟ୍ୟାଙ୍କରରେ ପାଉଛନ୍ତି ଗରମ ପାଣି:** ଜଳ ଓ ପରିମଳ ବିଭାଗ ପକ୍ଷରୁ ପ୍ରତିଦିନ ମଧ୍ୟାହ୍ନରେ ୫ଟି ଟ୍ୟାଙ୍କରରେ ୯ ଗ୍ରାମକୁ ପିଇବା ପାଣି ଯୋଗାଇ ଦିଆଯାଉଥିବାର ଖବର ପ୍ରକାଶ ପାଇଛି ଧରିତ୍ରୀରେ। ସକାଳେ ଓ ସନ୍ଧ୍ୟାରେ ପାନୀୟ ଜଳ ଯୋଗାଣର ନିୟମ ଥିଲେ ସୁଦ୍ଧା ବ୍ଲକର ପାରିଚଢ଼େଇ ତଳମାଳି ସାହି, ବିଲବରପଦା, ମାଣ୍ଡିଆ, ବିଶରପୁର, ନାଲିଅଣା ଗ୍ରାମକୁ ଖରାବେଳେ ଗରମ ପାଣି ଦିଆଯିବାର ଖବର ପ୍ରକାଶ ପାଇଛି।

## Urban Drinking Water

**ପ୍ରଦୂଷିତ ପାଣି ମିଳୁଛି ଢେଙ୍କାନାଳ ସହରବାସୀଙ୍କୁ:** ଢେଙ୍କାନାଳ ସହରରେ ପାନୀୟ ଜଳର ମାନ ନିକୃଷ୍ଟ। ପ୍ରଦୂଷିତ ଜଳ ଯୋଗାଣ ହେଉଛି ବୋଲି ଆଜିର ଚସଙ୍କଭରରକ୍ସରେ ଏକ ଖବର ପ୍ରକାଶ ପାଇଛି। ମୁଣ୍ଡପିଛା ଦୈନିକ ୧୬୦ ଲିଟର ହିସାବରେ ଢେଙ୍କାନାଳବାସୀଙ୍କୁ ଦୈନିକ ୧୨ ମିଲିୟନ ଲିଟର ପାଣି ଆବଶ୍ୟକ। ଜନସ୍ୱାସ୍ଥ୍ୟ ବିଭାଗ ଦୈନିକ ୫ରୁ ୬ମିଲିୟନ ଲିଟର ପାଣି ଯୋଗାଇବାରେ ସକ୍ଷମ ହେଉଛି। ସହରରେ ପାଇପ୍ ସଂଯୋଗ କରିଥିବା ୧୩୨୫ ନିୟମିତ ଓ ବୈଧ ସଂଯୋଗକାରୀ

ଏବେ ଜଳ କଷ୍ଟ ଭୋଗୁଛନ୍ତି । ଦିନକୁ ୪୫ମିନିଟ୍ ଜଳ ଯୋଗାଣ ହେଉଥିବାରୁ ଏହି ସ୍ଥିତି ଉପୁଜିଥିବା କୁହାଯାଉଛି । ୱାର୍ଡ଼ ନମ୍ବର ୧୧କୁ ସଂକ୍ରମିତ ପାଣି ଯୋଗାଣ ହେଉଥିବା ଦର୍ଶାନ୍ତି ମହାବୀର ବଜାରର ବାସିନ୍ଦା ବିଜୟ କୁମାର ସାହୁ ।

**କଟକରେ ଜଳଛତ୍ରବି ଚାଲିଛି ଆଉଟସୋର୍ସିଂରେ:** କଟକରେ ଏବେ ୯୦ଟି ଜଳଛତ୍ର କେନ୍ଦ୍ର ଖୋଲାଯାଇଛି । ୬୫ରୁ ଅଧିକ ଜଳଛତ୍ର କେନ୍ଦ୍ରର ଦାୟିତ୍ୱ ଏକ ଘରୋଇ ସଂସ୍ଥାକୁ ଦିଆଯାଇଛି । ସିଏମ୍‌ସିର ୱାର୍ଡ଼ ସଂଖ୍ୟା ୫୯କୁ ବୃଦ୍ଧି ହେବା ଫଳରେ ୧୧୮ଟି ଜଳଛତ୍ର ଖୋଲାଯିବାର ଥିଲା । ଗୋଟିଏ ଜଳଛତ୍ର କେନ୍ଦ୍ର ପାଇଁ ସର୍ବମୋଟ ୧୫ ହଜାର ଟଙ୍କା ଖର୍ଚ୍ଚ ବ୍ୟବସ୍ଥା ରହିଛି । ମହାନଗର ନିଗମ ଏଥିପାଇଁ ବାର୍ଷିକ ୧୫ରୁ ୨୦ ଲକ୍ଷ ଖର୍ଚ୍ଚ କରିବ । ସାନିଟାରୀ ଇନ୍ସପେକ୍ଟର ରିପୋର୍ଟ ଦେବା ପରେ ଜଳଛତ୍ର ପରିଚାଳନାକାରୀଙ୍କୁ ଅର୍ଥ ପଇଠ କରାଯିବ । ଏପ୍ରିଲ ୧୫ରୁ ଜୁନ୍ ୧୫ଯାଏ ଜଳଛତ୍ର ଚାଲିବା କଥା ସିଏମ୍‌ସି କହିଥିବା ବେଳେ ଅସଲରେ ମେ ୧୫ରୁ ଜଳଛତ୍ର ଆରମ୍ଭ ହୋଇଥିବା ଉଲ୍ଲେଖ ଏକ ଖବର ପ୍ରକାଶ କରିଛି ପ୍ରଗତିବାଦୀ ।

**କଟକରେ ୮୦% ପାନୀୟ ଜଳ ନଷ୍ଟ ହେଉଛି:** ସହରର ଜନସଂଖ୍ୟା ୭ଲକ୍ଷ ଟପିଲାଣି । ପ୍ରତ୍ୟେକଦିନ ମୁଣ୍ଡପିଛା ୧୫୦ଲିଟର ପାଣି ଆବଶ୍ୟକ ଅଛି । ଦୈନିକ ୧୧୫୦ଲକ୍ଷ ଲିଟର ପାଣି ଆବଶ୍ୟକ ରହିଛି । ଏତକ ପାଣି ବି ମିଳିପାରୁନାହିଁ । ୮୦ପ୍ରତିଶତ ପାଣି ନଷ୍ଟ ହେଉଛି ବୋଲି ଦର୍ଶାଇ ପ୍ରମେୟ ଫଟୋ ଓ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ କରିଛି । ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସହରରେ ବସାଯାଇଥିବା ୧୨୦୦ ପାଖାପାଖି ଷ୍ଟାଣ୍ଡପୋଷ୍ଟ ମଧ୍ୟରୁ ସର୍ବାଧିକ ଷ୍ଟାଣ୍ଡପୋଷ୍ଟରୁ ଅହରହ ପାଣି ଚାଲିଛି । ୭୦ ପ୍ରତିଶତ ଲୋକ ଚୋରାରେ ପାଣି ସଂଯୋଗ ନେଇଛନ୍ତି । ବିଭାଗୀୟ ଅଧିକାରୀମାନେ ନୀରବ ରହୁଛନ୍ତି ।

## Industrial use

**ହଂସୁଆ ପାଣି ପୋସ୍କୋକୁ ଦିଆଯିବ ନାହିଁ : ଏସ୍‌ୟୁସିଆଇ:** ଚାଷ ପାଇଁ ବ୍ୟବହୃତ ହଂସୁଆର ଜଳ ପୋସ୍କୋକୁ ଦିଆଯିବାର ପ୍ରତିବାଦ କରିଛି ଏସ୍‌ୟୁସିଆଇ । 'ସମୟ'ରେ ପ୍ରକାଶିତ ଖବରରେ ଦର୍ଶାଯାଇଛି ଯେ, ବିରିଡ଼ି ବ୍ଲକ ଠାରୁ ତଥା କଟକ ଉପକଣ୍ଠରୁ ବାହାରି ମହାନଦୀର ଏକ ଶାଖା ଭାବେ ହଂସୁଆ ସାତଟି ବ୍ଲକକୁ ଅତିକ୍ରମ କରିଛି । ଚାଷୀମାନେ ଏହାର ଜଳରେ ଫସଲ ଫଳାଉଛନ୍ତି । ଏବେ ହଂସୁଆ ଜଳକୁ ପୋସ୍କୋ କାରଖାନାର ନିର୍ମାଣ ପାଇଁ ଦିଆଯିବାକୁ ଦଳ ବିରୋଧ କରିଛି ବୋଲି 'ସମୟ' ପ୍ରକାଶ କରିଛି ।

**ନୀଳାଚଳ ଇସ୍ପାତରେ ୧୨କୋଟି ଟଙ୍କା ଜଳକର ବାକି:** କଳିଙ୍ଗନଗରସ୍ଥିତ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ ଉପରେ ପ୍ରାୟ ୧୨କୋଟି ଟଙ୍କାର ଜଳକର ବାକି ରହିଥିବା ସଂପର୍କିତ ଖବର ପ୍ରକାଶ ପାଇଛି ସମ୍ବାଦରେ । ପ୍ରକାଶିତ ସମ୍ବାଦରେ କୁହାଯାଇଛି ଯେ, ୫୫ କ୍ୟୁସେକ୍ ପାଣି ବ୍ୟବହାର ପାଇଁ ଚୁକ୍ତିନାମା ହୋଇଥିଲା । କାରଖାନାର କମ୍ ଅର୍ଥାତ୍ ୧୨ରୁ ୧୬ କ୍ୟୁସେକ୍ ପାଣି ବ୍ୟବହାର କରୁଥିବା ଦର୍ଶାଇ ଜଳକର ଦେଉଛି । ୨୦୧୦ ନିର୍ଦ୍ଦେଶନାମ ବଳରେ ସରକାର ଚୁକ୍ତିନାମାରେ ଥିବା ବ୍ୟବହାର ପରିମାଣକୁ ନେଇ ଜଳକର ହିସାବ କରିଛନ୍ତି । ୧୨କୋଟି ଟଙ୍କା ବକେୟା ରହିଥିବା ମୁଖ୍ୟ ଶାସନସଚିବ ଏକ ସମୀକ୍ଷାରୁ ଜାଣି ଆଦାୟ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି ବୋଲି ପ୍ରକାଶିତ ସମ୍ବାଦରେ କୁହାଯାଇଛି ।

## Policy / Programme Watch

**ବର୍ଷାଜଳ ଅମଳ ପାଇଁ ୧୦୦ କୋଟି ଟଙ୍କାର ଯୋଜନା:** ରାଜ୍ୟ ସରକାରଙ୍କ ଜଳସମ୍ପଳ ବିଭାଗ ପକ୍ଷରୁ ଛାତ ଉପରେ ବର୍ଷା ଜଳ ଅମଳ ଓ ଭୂତଳ ଜଳ ସଂଚାରଣ ଶୀର୍ଷକ ଏକ ଚିଠା ପ୍ରସ୍ତାବ ଅର୍ଥ ବିଭାଗର ଅନୁମୋଦନ ପାଇଁ ପଠାଇଥିବା ନେଇ ଦିନ୍ୟୁଇଣ୍ଡିୟାନ୍ ଏକ୍ସପ୍ରେସ୍ ଏକ ଖବର ପ୍ରକାଶ କରିଛି । ୫୫୦ଟି ସରକାରୀ କୋଠା ସମେତ ୧୬.୯୫୫ଟି କୋଠାରେ ବର୍ଷାଜଳ ଅମଳର ଢାଞ୍ଚା ନିର୍ମାଣ କରାଯିବ । ତେବେ ୨୦୦ ବର୍ଗମିଟର ଛାତ ଅଞ୍ଚଳ ଥିବା କୋଠା ମାଲିକମାନେ ୪୫ ହଜାର ଟଙ୍କାର ରିହାତି ପାଇପାରିବେ । ଚଳିତ ଆର୍ଥିକ ବର୍ଷରୁ ଆରମ୍ଭ ହେଉଥିବା ଏହି ପ୍ରକଳ୍ପ ପାଇଁ ୫ବର୍ଷର ଅବଧି ରହିଛି । ସଂପ୍ରତି ୪୦ପ୍ରତିଶତ ଭୂତଳ ଜଳ ଆହରଣ ହେଉଥିବାରୁ ଏହାର ସ୍ତର ଖସିବାରେ ଲାଗିଛି । ଭୂତଳ ଜଳ ହ୍ରାସକୁ ରୋକିବା ପାଇଁ ସରକାର ଏଭଳି ଏକ ଚିଠା ପ୍ରସ୍ତାବ ପ୍ରସ୍ତୁତ ସହ କାର୍ଯ୍ୟକାରୀ କରିବା ଅପେକ୍ଷାରେ ଅଛନ୍ତି ।

**ପାନୀୟ ଜଳ ପ୍ରକଳ୍ପକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ନିର୍ଦ୍ଦେଶ:** ଗ୍ରାମାଞ୍ଚଳ ପାଇପ୍ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ନେଇ ପଦକ୍ଷେପ ନବେକ୍ୟୁ ସରକାର ସଂପୃକ୍ତ ବିଦ୍ୟୁତ୍ ଯୋଗାଣକାରୀ ସଂସ୍ଥା ଓ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିବା ନେଇ ସମାଜ ଏକ ଖବର ପ୍ରକାଶ କରିଛି ।

ଗ୍ରାମ୍ୟ ଉନ୍ନୟନ ସଚିବ ଏକ ଚିଠିରେ ସମସ୍ତ ଜିଲ୍ଲାପାଳଙ୍କୁ ଏହା ଦେଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହେବା, ଲୋ-ଭୋଲଟେଜ୍ ଓ ଟ୍ରାନ୍ସଫର୍ମର ପୋଡ଼ିବା କାରଣରୁ ପାଇପ୍ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକ ସେବା ଦେଇ ପାରୁନଥିବାରୁ ପ୍ରାଥମିକତା ଭିତ୍ତିରେ ପଦକ୍ଷେପ ନେବାକୁ ଗ୍ରାମ୍ୟ ଉନ୍ନୟନ ସଚିବ ଓ ଶକ୍ତି ସଚିବ କହିଛନ୍ତି ।

## Irrigation

**ଅଧା ଏଲ୍ଆଇ ପଏଣ୍ଟ ଅଚଳ, ଚାଷୀ ହତାଶ:** ଉଠା ଜଳସେଚନ ବିଭାଗ ବଲାଙ୍ଗୀର ଜିଲ୍ଲାର ୮ଟି ନଦୀରୁ ୮୩୮ ଜଳସେଚନ ପଏଣ୍ଟ ଜରିଆରେ ପାଣି ନେଇଥାଏ । ସଂପ୍ରତି ୩୫ଟି ପଏଣ୍ଟ ଜରିଆରେ ପାଣି ନେଇଥାଏ । ସଂପ୍ରତି ୩୫ଟି ପଏଣ୍ଟ ଅଚଳ ହୋଇ ପଡ଼ିଛି ବୋଲି ବିଭାଗ କହୁଛି । କିଛି ବାସ୍ତବିକ ଅଧାରୁ ଅଧିକ ଏଲ୍ଆଇ ପଏଣ୍ଟ ଅଚଳ ହୋଇଯାଇଥିବାର ପନିପରିବା ଚାଷୀମାନେ ଉତ୍କଟ ଜଳକଷ୍ଟର ସାମନା କରୁଛନ୍ତି ବୋଲି ଖବର ପ୍ରକାଶ କରିଛି ଇଣ୍ଡିଆନ୍ ଏକ୍ସପ୍ରେସ୍ । ଗୁଡ଼ଭେଲା, ଝୁଷରା ଏବଂ ଦେଓଗାଁ ଅଞ୍ଚଳରେ ଲୋଭୋଲଟେଜ୍ ଓ ପମ୍ପ ଅଚଳକୁ ସାମନା କରୁଛନ୍ତି ଚାଷୀ, ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠିରୁ ବିଭାଗକୁ ୩.୩୧ କୋଟି , ପଶ୍ଚିମ ଓଡ଼ିଶା ବିକାଶ ପରିଷଦରୁ ୧୩ଲକ୍ଷ, ସମନ୍ୱିତ କାର୍ଯ୍ୟଯୋଜନାରୁ ୬୧.୬ଲକ୍ଷ ଜଳ ସଙ୍କଟର ସମାଧାନ ପାଇଁ ୨୦୧୩-୧୪ ବର୍ଷରେ ପ୍ରଦାନ କରାଯାଇଥିଲା । ଆବଶ୍ୟକୀୟ ପାଣ୍ଠି ଥିବା ସତ୍ତ୍ୱେ କାମରେ ଲାଗି ନାହିଁ ।

**ଚାନ୍ଦପୁର-ହଳଦିପାଣି ନଦୀର ପୁନରୁଦ୍ଧାର ଦାବି:** ଚାନ୍ଦପୁର ଠାରୁ ବାହାରି ପଙ୍କପାଳ, ବୋରିଖି, ଅରଖିଆ, ବାଲିଆ ପଞ୍ଚପଲ୍ଲୀ, ନଗଡ଼ିଆ, ସମାଗୋଳ ଦେଇ ହଳଦି ପାଣିରେ ପଡ଼ିଥିବା ହଳଦିପାଣି ନଦୀ ଏକଦା ବେଶ୍ ଗଭୀର ଥିଲା । ୨୫ ଗାଁର ଚାଷୀ ପନିପରିବା ଚାଷ କରୁଥିଲେ । ୧୫ କିମି ଦୈର୍ଘ୍ୟ ଏହି ନଦୀ ଏବେ ମୃତ । ଏହି ମୃତ ନଦୀର ପୁନରୁଦ୍ଧାର କରାଗଲେ ଜଳସେଚନ ଓ ଜଳସମସ୍ୟା ଦୂର ହୋଇପାରିବ ବୋଲି କୁଜଙ୍ଗ ବିକାଶ ମଞ୍ଚ, ପାରାଦୀପ ଏରସମା ବିକାଶ ପରିଷଦ, ଆଞ୍ଚଳିକ କୃଷକ ସଂଘ ଦାବି କରିଥିବା ନେଇ ସମୟରେ ଏକ ବିସ୍ତୃତ ଖବର ପ୍ରକାଶ ପାଇଛି ।

## Water Management

**ପୁରୀରେ ପୋତାଚାଲିଛି ଜଳାଶୟ, ଶୋଇଛି ପ୍ରଶାସନ:** ପୁରୀ, ମାର୍କଣ୍ଡେଶ୍ୱର ସାହି ମୌଜାରେ ଥିବା ମିଟିଆଣି ଏବଂ ପୁଲିସ୍ ଲାଇନ୍ ନିକଟରୁ ଦୁଇଟି ପୋଖରୀ ପୋତି ଦିଆଯିବା ପରେ ଏବେ ବଳଗଣ୍ଡି ମୌଜାରେ ଆଉ ଏକ ଜଳାଶୟ ପୋତା ଚାଲିଛି ବୋଲି ଖବର ପ୍ରକାଶ କରିଛି ଆଜିର ସମାଜ । ପ୍ରାୟ ପାଞ୍ଚ ଛଅ ଏକର ଆକାର ବିଶିଷ୍ଟ ଏହି ଜଳାଶୟର ୨୫ରୁ ୩୦ ପ୍ରତିଶତ ପୋତି ଦିଆଯାଇଛି । ରାଜସ୍ୱ ବିଭାଗ ନୀରବରେ ବସିଛି । ଉଲ୍ଲେଖ ଯୋଗ୍ୟ ଯେ, ଜଳାଶୟଗୁଡ଼ିକର କିସମ ଏବଂ ପ୍ରାକୃତିକ ଅବସ୍ଥା ପରିବର୍ତ୍ତନ ନକରିବାକୁ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ପରିବେଶ ବିଭାଗ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶନାମା ଜାରୀ କରାଯାଇଛି ।

**ଭୁବନର ଚିନରା ପୋଖରୀ ପରିତ୍ୟକ୍ତ ଅବସ୍ଥାରେ:** ୧୫ଟି ୱାର୍ଡ଼ ବିଶିଷ୍ଟ ଭୁବନ ଏନ୍ଏସିର ୬ଟି ୱାର୍ଡ଼ ଲୋକେ ଗାଧୁଆ ଓ ଶୌଚ ପାଇଁ ନିର୍ଭର କରୁଥିବା ଚିନରା ପୋଖରୀ ଏବେ ପରିତ୍ୟକ୍ତ ଅବସ୍ଥାରେ । ୯ହଜାର ଲୋକ ଏବେ ଅସୁବିଧାରେ ପଡ଼ିଛନ୍ତି । ପୋଖରୀଟି ଦେବୋତ୍ତର ବିଭାଗ ଅଧିନରେ ଥିବାରୁ ପରିମଳ ଓ ପଙ୍କ ଉଦ୍ଧାର ପାଇଁ ଏନ୍ଏସି ପଦକ୍ଷେପ ନେଉନଥିବା ନେଇ ପ୍ରଗତିବାଦୀ ଏକ ଖବର ପ୍ରକାଶ କରିଛି । ଏହି ପୋଖରୀରୁ ପଙ୍କଉଦ୍ଧାର, ଶୌଚାଳୟ ନିର୍ମାଣ ପାଣିରେ ଚୂନ ଓ ଲୁଣ ପ୍ରୟୋଗ ପାଇଁ ୭, ୮, ୧୨, ୧୩, ୧୪ ଓ ୧୫ ନମ୍ବର ୱାର୍ଡ଼ବାସୀ ଦାବି କରିଛନ୍ତି ବୋଲି ଖବରରେ କୁହାଯାଇଛି ।

## Pollution

ଜହର ପାଲଟୁଛି ବୈତରଣୀ ଜଳ: କେନ୍ଦୁଝର ଜିଲ୍ଲାର ଗୋନାସିକାରୁ ପ୍ରବାହିତ ହୋଇ ସମୁଦ୍ରରେ ମିଶିବା ମଧରେ ଅନେକ ସ୍ଥାନରେ ବିଭିନ୍ନ କଳକାରଖାନାର ବର୍ଜ୍ୟବସ୍ତୁ ପ୍ରଦୂଷିତ ଜଳ ଖଣିଜ ପଦାର୍ଥଯୁକ୍ତ ଜଳ ବୈତରଣୀରେ ମିଶୁଥିବା ଯୋଗୁଁ ବୈତରଣୀ ଜଳ ପ୍ରଦୂଷିତ ହେବାରେ ଲାଗିଛି ବୋଲି ଖବର ପ୍ରକାଶ କରିଛି ପ୍ରଗତିବାଦୀ ଏଥିରେ କୁହାଯାଇଛି ଯେ, ପ୍ରଦୂଷିତ ଜଳ କାରଣରୁ ଅଞ୍ଚଳର ଲୋକମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଗୋରୁ କୁକୁର ଏହି ପାଣି ପିଇ ଆକ୍ରାନ୍ତ ହେଉଛନ୍ତି । ଆନନ୍ଦପୁର, ଯାଜପୁର, ଭଦ୍ରକ ସହରବାସୀ ବିଶେଷ ପ୍ରଭାବିତ ହେଉଥିବା ଏହି ଖବରରେ କୁହାଯାଇଛି ।

## Disaster

ଆଗକୁ ବର୍ଷା, ବାଲେଶ୍ୱର ପୁଣି ଭାସିବ

ବନ୍ୟା ନିୟନ୍ତ୍ରଣ ଯୋଜନା ଶୀତଳ ଭଣ୍ଡାରରେ: ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଜଳକା, କାଂଶବାଂଶର ବନ୍ୟାପାଣି ବାଲେଶ୍ୱରବାସୀଙ୍କ ଦୁଃଖ ବଢ଼ାଇଛି। ୧୦/୧୨ ବର୍ଷ ହେବ ଏପରି ପ୍ରକ୍ରିୟା ଚାଲିଛି। ସ୍ଥାୟୀ ପ୍ରତିକାର ହେଉନଥିବା ନେଇ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଛି ସମ୍ବାଦରେ। ପ୍ରକାଶିତ ରିପୋର୍ଟ ଅନୁଯାୟୀ ସୁବର୍ଣ୍ଣରେଖା ସଂସ୍କାର ଯୋଜନା ଚିଠା ବାଙ୍କଡିରା ପ୍ରକଳ୍ପ, ୬୦ନମ୍ବର ଜାତୀୟ ରାଜପଥ ପୁନଃନିର୍ମାଣ ଯୋଜନା, ଶୀତଳ ଭଣ୍ଡାରରେ ରହିଥିବାରୁ ବନ୍ୟାର ପ୍ରତିରୋଧ କରିହେଉନି।

---

(RCDC seeks your inputs and ideas to make it more comprehensive and user friendly. All inputs will be appropriately credited to the contributor/author.

**REGIONAL CENTRE FOR DEVELOPMENT COOPERATION**
**Plot No: HIG-26, K-6**
**Housing Scheme, Phase-II,**
**Kalinga Vihar, Bhubaneswar - 751 019**
**Odisha, India.**